# Akashvani, Sambalpur

# SAMBALPURI NEWS MORNING BULLETIN

# 28 March 2026 - 6.47- 6.52 am.

---

ପ୍ରଧାନ୍‌ମନ୍ତ୍ରୀ- ମୁଖ୍ୟମନ୍ତ୍ରୀ ବୈଠକ୍ ପି.ଆଇ.ବି.

ପଶ୍ଚିମ ଏସିଆ ନ ଲାଗି ରହିଥିବା ଯୁଦ୍ଧ ପରିସ୍ଥିତିନୁ ଦେଖାଦେଇଥିବା ସମସ୍ୟା ମୁକାବିଲା ଲାଗି ଟିମ୍ ଇଣ୍ଡିଆ ହିସାବେ ମିଶିକରି କାମ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀମାନ୍‌କୁ ଆହ୍ୱାନ୍ ଦେଇଛନ୍ । ପରିସ୍ଥିତିକେ ନେଇକରି ରାଜ୍ୟମାନ୍‌କର୍ ପ୍ରସ୍ତୁତି ବାବ୍‌ଦେ ଆଭାସୀ ଜରିଏ ସମୀକ୍ଷା କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଏଛନିର୍ ସମିଆଥି ଆର୍ଥିକ ଆଉ ବାଣିଜ୍ୟିକ ସ୍ଥିରତା, ଶକ୍ତି ସୁରକ୍ଷା, ନାଗରିକଙ୍କର୍ ସ୍ୱାର୍ଥ ସୁରକ୍ଷା ଆଉ ଶିଳ୍ପ ଆଉ ଯୋଗାଣ ଶୃଙ୍ଖଳକେ ବର୍‌କସ୍ କର୍‌ବାର୍‌ଟା ହଉଛେ ସର୍‌କାର୍‌ଙ୍କର୍ ପ୍ରାଥମିକତା । ପଟ୍ରୋଲ୍, ଡିଜେଲ୍, ସାର୍ ଆର୍ ରନ୍ଧା ଗେସ୍‌ର ଉପଲବ୍ଧତା ସୁନିଶ୍ଚିତ୍ କର୍‌ବାର୍ ସହେତେ କୃତ୍ରିମ ଅଭାବ୍ ସୃଷ୍ଟି କରୁଥିବା ଲୁକ୍‌କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍

ନେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମାନ୍‌କୁ ପରାମର୍ଶ ଦେଇଛନ୍ । ଭୁଲ୍ ସୂଚନା ଆଉ ଗୁଜବ୍ ପ୍ରସାରଣ୍ ବିରୋଧିଥି ସତର୍କ ରହେବାର୍ ସହେତେ ଠିକ୍ ସୂଚନା ଲୁକ୍‌କର୍ ପାଖିକେ ପୁହୁଁଚାବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ଭିନ୍ ଭିନ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀମାନେ ଆଭାସୀ ଜରିଏ ଯୋଗ୍ ଦେଇଥିଲେ ।

ଓକିଲ ସଂଘ ନିର୍ବାଚନ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ସଙ୍ଗେ ଅନୁବନ୍ଧିତ୍ ରାଜ୍ୟର୍ ସବୁ ଓକିଲ ସଂଘର ନିର୍ବାଚନ ଆଏଜ୍ ହେବା । ରାଜ୍ୟର୍ ଶହେ ୫୮ଟା ଅନୁବନ୍ଧିତ୍ ଓକିଲ ସଂଘ ତର୍‌ଫୁ ୩୮ ହଜାର ୮ ଶହ ୮୩ ଝନ୍ ମତଦାତା ଭୋଟ୍ ଦେବେ । ଇଥିର୍‌ଲାଗି ଓକିଲ୍ ସଂଘ ମାନ୍‌କର୍ ତର୍‌ଫୁ ସବୁ ତୟାରି ଶେଷ୍ ହେଇଛେ । ରାଜ୍ୟ ଆଇନଜୀବୀ ପରିଷଦ୍ ତର୍‌ଫୁ ତିଆର୍ ହେଇଥିବା ଚୁଡ଼ାନ୍ତ ଭୋଟର୍ ତାଲିକା ଗଲା ୯ ତାରିଖ୍ ଦିନ ସବୁ ଓକିଲ ସଂଘକେ ପଠାଯାଇଥିଲା । ନିର୍ବାଚନ ପ୍ରକ୍ରିୟାକେ ଫଟିକ୍ ଆଉ ନିରପେକ୍ଷ କର୍‌ବାର୍ ଲାଗି

ନିର୍ବାଚନ ଅଧିକାରୀମାନଙ୍କୁ ନିର୍ବାଚନ୍ ଅଧିନିୟମ୍ ଅନ୍‌ସାରେ ଆବଶ୍ୟକ୍ ନିର୍ଦ୍ଦେଶନାମା ଭିଲ୍ ଜାରି କରାଯାଇଛେ ।

ରେଲ୍‌ବଜେଟ୍-ରାଜ୍ୟସଭା ଆର୍‌ଏନ୍‌ୟୁ/ ସମ୍ବଲପୁର

ଗଲା ୧୦ ବଛର୍ ଭିତ୍‌ରେ ଓଡ଼ିଶାର୍ ରେଲ୍ ବଜେଟ୍ ୧୩ ଗୁନା ବଢ଼ାଯାଇଛେ ବଲି ଗଲାକାଏଲ୍ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ରାଜ୍ୟସଭା ନ ସୂଚ୍‌ନା ଦେଇଛନ୍ । ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍, ୨୦୦୯ ନୁ ୨୦୧୪ ମସିହା ଭିତ୍‌ରେ ଓଡ଼ିଶାର୍ ରେଲ ବଜେଟ୍ ୮ ଶହ ୩୮ କୋଟି ଟଙ୍କା ଥିଲା ବେଲେ ୨୦୨୫ -୨୬ ଆର୍ଥିକ୍ ବଛ୍‌ରେ ଇଟା ୧୦ ହଜାର୍ ୫ ଶହ ୯୯ କୋଟିକେ ପୁହୁଁଚିଛେ । ଇ ସମିଆ ଭିତ୍‌ରେ ରାଏଜେ ବଛର୍‌କ ହାରାହାରି ଶହେ ୯୫ କିଲୋମିଟର୍ ନୂଆଁ ରେଲ୍‌ଲାଇନ୍ ତିଆର୍ କରାଯାଇଛେ । ୧୯ ଟା ନୂଆଁ ଆଉ ୩୦ ଟା ଦୋହରିକରଣ୍ ପ୍ରକଳ୍ପକେ ଭିଲ୍ ମଞ୍ଜୁର୍ କରାଯାଇଛେ ବଲି ରେଲ୍‌ମନ୍ତ୍ରୀ କହିଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଆର୍ଥ ଆୱାର୍ ଏନ୍‌ଏସ୍‌ଡି

ବିଜ୍‌ଲି ଶକ୍ତିର୍ ସୁରକ୍ଷା ଆଉ ଇ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ୱାର୍ଲ୍ଡ ୱାଇଡ୍ ଫଣ୍ଡ ଫର୍ ନେଚର୍ ତରଫୁ ଆଏଜ୍

ଆର୍ଥ ଆୱାର୍ ପାଲନ୍ କରାଯିବା । ଇ ଅବ୍‌ସରେ ରାତିର୍ ସାଢ଼େ ୮ ବଜେନୁ ସାଢ଼େ ୯ ବଜେତକ୍ ଅତି ଦର୍‌କାରୀ ଜାଗାକେ ବାଦ୍ ଦେଲେ ସବୁ ଠାନେ ବିଜ୍‌ଲି ବନ୍ଦ୍ କରାଯିବା । ୨୦୦୭ ମସିହା ବେଲ୍‌କେ ଅଷ୍ଟ୍ରେଲିଆର୍ ସିଡ଼୍‌ନୀ ନ ପହେଲା କରି ଆର୍ଥ ଆୱାର୍ ପାଲନ୍ କରାଯାଇଥିଲା ।  ଇ ବଛର୍ ଗୁଟେ ଘଂଟା ପୁର୍‌ଥିର୍ ଲାଗି ସମର୍ପଣ୍ କର୍‌ମା ବାର୍ତା ନେଇକରି ଆର୍ଥ ଆୱାର୍ ପାଲନ୍ କରାଯାଉଛେ ।

ଜାତୀୟ ନାଟକ ଉତ୍ସବ          ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶା ସଂଗୀତ୍ ନାଟକ୍ ଏକାଡେମୀ ଆଉ କୋଲ୍‌କାତା ପୂର୍ବାଂଚଳ ସାଂସ୍କୃତିକ କେନ୍ଦ୍ର ତର୍‌ଫୁ ଭୁବ୍‌ନେଶ୍ୱର୍ ରବୀନ୍ଦ୍ର ମଣ୍ଡପ ନ ଗଲାକାଏଲ୍ ଜାତୀୟ ନାଟକ ଉତ୍ସବ ପୂର୍ବ ରଙ୍ଗ -୨୦୨୬ ଉଦ୍‌ଘାଟିତ୍ ହେଇଛେ । ଉଦ୍‌ଘାଟନୀ ସଙ୍ଗେ ସୁମନ୍ ସାହାଙ୍କର୍ ନିର୍ଦ୍ଦେଶିତ 'ନିସଙ୍ଗ ଈଶ୍ୱର' ନାଟକ୍ ପ୍ରଦର୍ଶିତ୍ ହେଇଥିଲା ।

ଡିପ୍ଲୋମା ନାଁଲେଖା       ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ଶିକ୍ଷା ବଛର୍ ଲାଗି ଡିପ୍ଲୋମା ଆଉ ତାର୍ ପରର୍ ପାଠ୍ୟକ୍ରମଥି ନାଁଲେଖାବାର୍ ଲାଗି ଏପ୍ରିଲ୍ ୧ ତାରିଖ୍‌ନୁ ଅନ୍‌ଲାଇନ୍ ଆବେଦନ୍ ପ୍ରକ୍ରିୟା ମୁଲ୍ ହେବା । ବୈଷୟିକ ଶିକ୍ଷା ଆଉ ତାଲିମ୍ ନିର୍ଦ୍ଦେଶାଳୟର୍ ବିଜ୍ଞପ୍ତି ଅନ୍‌ସାରେ ଇଚ୍ଛୁକ୍ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍ ଜରିଏ ଆବେଦନ୍ କରିପାର୍‌ବେ । ଆବେଦନ୍‌କାରୀମାନ୍‌କର୍ ବୟସ୍ ୨୦୨୬ ଅଗଷ୍ଟ ୧ ତାରିଖ୍‌ତକ୍ ୧୪ ବଛର୍ ଆଉ ଲାଟେରାଲ୍ ଏଂଟି ଲାଗି ସବୁନୁ କମ୍ ୧୬ ବଛର୍ ହେବାର୍ ଦର୍‌କାର୍ । ଭିନ୍ ଭିନ୍ ଇଞ୍ଜିନିୟରିଂ କି ଅଣ ଇଞ୍ଜିନିୟରିଂ ପାଠ୍ୟକ୍ରମ ଲାଗି ସବୁନୁ କମ୍ ଶିକ୍ଷାଗତ ଯୋଜ୍‌ନା ୧୦ କି ୧୨ ଶ୍ରେଣୀ ପାସ୍ ହେବାର୍ କଥା ।

ଉପମୁଖ୍ୟମନ୍ତ୍ରୀ -ରାସ୍ତା ଶିଳାନ୍ୟାସ୍ ବଲାଙ୍ଗିର୍ ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ବଲାଙ୍ଗିର୍ ଜିଲ୍ଲା ପାଟ୍‌ନାଗଡ଼୍ ଆଉ ଖପ୍ରାଖୋଲ୍ ବ୍ଲକ୍ ନ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜ୍‌ନାଥି ୮ ଟା ରାସ୍ତା କାମ୍‌ର ଭିତିପ୍ରସ୍ତର୍ ଥାପ୍‌ନା

କରିଛନ୍ । ୧୨ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍‌କେ ଥିବା ଇ ସବୁ ରାସ୍ତା କାମ୍ ବଛ୍‌ରେ ଭିତ୍‌ରେ ସାର୍‌ବାର୍‌କେ ଉପମୁଖମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ଏମ୍‌ସିଏଲ୍ -ଆଇଆଇଏମ୍-ଏମ୍‌ଓୟୁ     ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶିକ୍ଷାର୍ ଭିତିଭୂମିର ବିକାଶ୍ କର୍‌ବାର୍ ଲାଗି ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ - ଏମ୍‌ସିଏଲ୍ ତର୍‌ଫୁ ଆଇଆଇଏମ୍ ସମ୍ବଲ୍‌ପୁର୍ ସଙ୍ଗେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷର୍ କରାଯାଇଛେ । ବୁଝାମଣାପତ୍ର ଅନ୍‌ସାରେ ଏମ୍‌ସିଏଲ୍ ତର୍‌ଫୁ ଆଇଆଇଏମ୍ କେମ୍ପସ୍ ପରିସର୍ ନ ୪ ଶହ ୫୦ ଶଯ୍ୟାର୍ ଛାତ୍ରୀ ନିବାସ୍ ଲାଗି ୪୪ କୋଟି ୫୪ ଲାଖ୍ ଟଙ୍କାର୍ ଆର୍ଥିକ୍ ସାହାଜ୍ ଯୁଗେଇ ଦିଆଯିବା ।

ଜାତୀୟ ପାରା ଫେନ୍‌ସିଂ ଚାମ୍ପିଅନ୍‌ସିପ୍   ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜସ୍ଥାନ୍‌ର ଜୟପୁର୍ ନ ଚାଲିଥିବା ଜାତୀୟ ପାରା ଫେନ୍‌ସିଂ ଚାମ୍ପିଅନ୍‌ସିପ୍‌ଥି ଓଡ଼ିଶାକେ ୨୬ ଟା ପଦକ୍ ମିଳିଛେ ।

ସେଥିର୍‌ଭିତ୍‌ରେ ୧୦ ଟା ସ୍ୱର୍ଣ୍ଣ, ୬ ରୌପ୍ୟ ଆଉ ୧୦ ଟା କାଂସ୍ୟ ପଦକ୍ ରହିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଉତର୍ ଭାଗ୍‌କେ ଲାଗିକରି ଥିବା ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପ୍‌ରେ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହାଲ୍‌କାନୁ ମଧ୍ୟମ୍ ଧରଣ୍ ବର୍ଷା ହେଇଛେ । କେତେଟା ଜାଗା ନ ଜବର୍ ଧୁକାଗର୍ଡ଼ି ସହେତେ କରାମାଡ୍ ଭିଲ୍ ହେଇଛେ । ଆଏବା ବୁଧବାର୍ ଦିନ୍‌ତକ୍ ରାଜ୍ୟର୍ ବଡ଼ଭାଗୀ ଜାଗା ନ କାଲ୍‌ବୈଶାଖୀର୍ ପ୍ରଭାବ୍ ଦେଖିବାର୍‌କେ ମିଲ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଳିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।